## ମୁଖ୍ୟମନ୍ତ୍ରୀଙ୍କ ସମ୍ବଲପୁର ଗସ୍ତ ନେଇ କୃଷକ ନେତାଙ୍କୁ ଅଟକ

ବରଗଡ଼, ୧୧।୧(ସମିସ): ମୁଖ୍ୟମନ୍ତ୍ରୀଙ୍କ ସମ୍ବଲପୁର ଗସ୍ତ କାର୍ଯ୍ୟକ୍ରମ ପାଇଁ ଜୟ କିଷାନ ଆନ୍ଦୋଳନର ମୁଖ୍ୟ କାର୍ଯ୍ୟକର୍ତ୍ତା ମାନଙ୍କୁ ବରଗଡ଼ ଗ୍ରାମାଞ୍ଚଳ ଥାନାରେ ଅଟକ ରଖାଯାଇଛି। ସଂଗଠନର ଜିଲ୍ଲା ସଭାପତି ସୁଶୀଲ ସାହୁ, ସାଧାରଣ ସମ୍ପାଦକ ହର ବଣିଆଁ,



ସଂଗଠନ ସମ୍ପାଦକ ଅରୁଣ ପ୍ରଧାନ, କାର୍ଯ୍ୟାଳୟ ସମ୍ପାଦକ କିଶୋର ସାହୁ, ଅତାବିରା ବ୍ଲକ ସମ୍ପାଦକ ଜିତୁ ବେହେରା ଏବଂ ଲଳିତ ପ୍ରଧାନଙ୍କୁ ପୁଲିସ ଗତକାଲି ଭୋରରୁ ଘରୁ ଉଠାଇ ଆଣି ବରଗଡ଼ ଗ୍ରାମାଞ୍ଚଳ ଥାନାରେ ଅଟକ ରଖିଛି। ଧାନ ବିକ୍ରି ସମସ୍ୟାକୁ ନେଇ ଜୟ କିଷାନ ଆନ୍ଦୋଳନ ତରଫରୁ ଲଗାତାର ସରକାରଙ୍କ ବିରୋଧି ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ କରି ରାଜରାସ୍ତାରେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କାର୍ଯ୍ୟକ୍ରମ କରାଯାଇଥିଲା।

ମୁଖ୍ୟମନ୍ତ୍ରୀଙ୍କ ସମ୍ବଲପୁର ଗସ୍ତ ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହେବ ସେଥିପାଇଁ ବରଗଡ଼ ଜିଲ୍ଲାର ଏହି ଚାଷୀ ନେତା ମାନଙ୍କୁ ପୁଲିସ ଗିରଫ କରି ଅଟକ ରଖିବା ପରେ ସନ୍ଧ୍ୟାରେ ଛାଡି ଦେଇଛି।

### କ୍ରାନ୍ତିଜ୍ୟୋତି ସାବିତ୍ରୀ ବାଈ ଫୁଲେଙ୍କ ଜୟନ୍ତୀ

## ସମାନତାକୁ ଜୀବନର ବ୍ରତ କରି ଦେଶରେ କ୍ରାନ୍ତି ଆଣିଥିଲେ

ଅତାବିରା, ୧୧।୧(ସମିସ)

ସ୍ଥାନୀୟ ଅତାବିରା ଉଗ୍ରସେନ ଭବନଠାରେ ପଶ୍ଚିମ ଓଡ଼ିଶା ସମ୍ବିଧାନ ସୁରକ୍ଷା ମଞ୍ଚ ତରଫରୁ କ୍ରାନ୍ତିଜ୍ୟୋତି ସାବିତ୍ରୀ ବାଈ ଫୁଲେଙ୍କ ଜୟନ୍ତୀ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ସାମାଜିକ ସଂଗଠନ ସାମିଲ ହୋଇ ପ୍ରାଇଭେଟ୍ ବସ୍‌ଷ୍ଟାଣ୍ଡରୁ ଜନ୍ମ ଜୟନ୍ତୀ ଶୋଭାଯାତ୍ରା ବାହାରି ଉଗ୍ରସେନ ଭବନକୁ ପହଞ୍ଚିଥିଲା। ପଶ୍ଚିମ ଓଡ଼ିଶା ସମ୍ବିଧାନ ସୁରକ୍ଷା ମଞ୍ଚର ସଭାପତି ପବିତ୍ର ଦେହେରୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ଚାଷୀନେତା ରମେଶ ମହାପାତ୍ର, ନରେନ୍ଦ୍ର ନାଏକ, ନିହାଲ ସିଂ, ଅଲିମ୍ ରିଜ୍ୱି, ସୁନିତା ବାଗ, ଡ. ସୁଶିଲ ବେହେରା, ଡ. ଶ୍ରୀହରି ନାଗ୍, ଶିବପ୍ରସାଦ ପ୍ରଧାନ, ଜରିନା ବେଗମ୍, ଦିଲୀପ ବାର୍ଲା, ଜୟକିଶନ ଛୁରିଆ, ପୁରନ୍ଦର ଭୋସାଗର ଯୋଗ ଦେଇଥିଲେ। ସାବିତ୍ରୀବାଈ ଫୁଲେଙ୍କ ଜନ୍ମ ୩ ଜାନୁଆରୀ ୧୮୩୧ ରେ ହୋଇଥିଲେ। ମାତ୍ର ୧୩ ବର୍ଷ ବୟସରେ ଜ୍ୟୋତିରାଓ ଫୁଲେଙ୍କୁ ବିବାହ କରିଥିଲେ ଓ ତାଙ୍କର ପାଠ ପଢ଼ିବାର ଦୃଢ଼ ଇଚ୍ଛା ଶକ୍ତି ଥିବାରୁ ତାଙ୍କ ସ୍ୱାମୀ ନିଜେ ପାଠ ପଢ଼ାଇଥିଲେ। ପରେ ଦେଶର ପ୍ରଥମ ମହିଳା ଶିକ୍ଷୟିତ୍ରୀ ହୋଇ କୁପ୍ରଥା, ବାଲ୍ୟବିବାହ, ବିଧବା ବିବାହ, ନାରୀଶିକ୍ଷା, ସ୍ୱତନ୍ତ୍ରତା, ସମାନତାକୁ ନିଜ ଜୀବନର ବ୍ରତ ହିସାବରେ ପାଳନ କରି ଦେଶରେ କ୍ରାନ୍ତି ଆଣିଥିଲେ। ଏହି କାର୍ଯ୍ୟକ୍ରମରେ ସଭା ପରିଚାଳନା ପୁରନ୍ଦର ଭୋସାଗର କରିଥିବାବେଳେ ସଭାରେ ଅଧ୍ୟାପିକା ଡ.ରିଙ୍କି ପ୍ରଧାନ, ଶିକ୍ଷୟିତ୍ରୀ ଅନୁଷୟା ଦେବତା, ଅଧ୍ୟାପକ ସଞ୍ଜୀବ ସୁନା, ଅଧ୍ୟାପକ ବିଜୟ ନାଗ୍ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ ତୋରା ପ୍ରବୁଦ୍ଧ ଭାରତ ସଂଘ, ସମତା ସୈନିକ ଦଳ, ଜିଲ୍ଲା ସମାଜସେବୀ ସଂଘ, ମହିଳା ସଂଘ, ବଗେଇବିରା ଇଣ୍ଡିୟାନ ମିଲିଟାରୀ ଏକାଡେମୀ, ଅତାବିରା ବ୍ଲକ ଟିଚର୍ସ ଆସୋସିଏସନ, ଡ. ବି.ଆର୍ ଆମ୍ବେଦକର ଚାରେଟେବୁଲ ଟ୍ରଷ୍ଟ, ଡ. ବି.ଆର୍ ଆମ୍ବେଦକର ଚାରେଟେବୁଲ ଟ୍ରଷ୍ଟ ସଭାପତି ଧିମାନ ଗୁଡ଼ମଣୀ ସୁନାନୀ, ଅତାବିରା ବ୍ଲକ ଆଇସିଡିଏସ୍ ସଂଗଠନମାନଙ୍କ ସହ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କିୟାରାନୀ ହୁଇ ମୋତିମାଳା ପାଣିଗ୍ରାହୀ, ଜାନକୀ ବନିଆଁ, ମୀରାବାଇ ବିଶ୍ୱାଳ, ସନ୍ତୋଷିନୀ ସେଠଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

ସାଂସ୍କୃତିକ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଳଙ୍କ ସହ କବୟିତ୍ରୀ ସନ୍ତୋଷୀନୀ ନାଗ, ସୁଦାମ ଲୁହା ଓ ବିଭିନ୍ନ କଳାକାର ମାନକ ସହ ସମାଜିକ କର୍ମୀ ଫକୀର କୁଅଁର, ମହାଦେବ ସୁନା, ଗୌତମ ମହାନନ୍ଦ, ସୁଧିର ମହାନନ୍ଦ, ବିକ୍ରମ ମହାନନ୍ଦ ଓ ନରେନ୍ଦ୍ର ବେସନ୍ ଯୋଗାଇଥିଲେ। କୀର୍ତ୍ତନ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ମୃତିହୋଇ ରହିଲା ଧନୁଯାତ୍ରା ସ୍ମାରକୀ ଗେଟ୍



ବରଗଡ଼, ୧୧।୧(ସମିସ): ଚଳିତବର୍ଷ ବରଗଡ଼ ବିଶ୍ୱ ପ୍ରସିଦ୍ଧ ବିରାଟ ଧନୁଯାତ୍ରା ମହୋତ୍ସବ ସାରିଯାଇଛି, ହେଲେ ସ୍ମାରକୀ ଗେଟ ଗୁଡ଼ିକ ସବୁଦିନ ପାଇଁ ସ୍ମୃତି ହୋଇ ରହିଯାଇଛି। ବରଗଡ଼ ସହରକୁ ବର୍ଷ ସାରା ଯିଏ ବି ଯେବେ ଆସିବ ଏହି ଗେଟ ଦେଇ ଆସିଲେ ବରଗଡ଼ ଧନୁଯାତ୍ରାକୁ ନିଶ୍ଚିତ ଭାବରେ ମନେ ପକାଇବ। ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀଙ୍କ ପ୍ରଚେଷ୍ଟା କ୍ରମେ ଗାନ୍ଧୀ ଛକ, ହଳଦୀ ପାଲି ଛକ, ଅମ୍ବାପାଲି ଛକ, କଳାପାଣି ଛକ, ପୁରୁଣା ରିଜର୍ଭ ପୋଲିସ ଛକ, ଟାଉନଥାନା ଛକ, ଓଭରବ୍ରିଜ ଏମିତି ଅନେକ ଜାଗାରେ ଧନୁଯାତ୍ରା ସ୍ମାରକୀ ଗେଟ ଗୁଡ଼ିକ ରହିଛି।

## ଅଇଲାପାଲି ରାମଲୀଳାରେ ରାବଣ ବରଣ



ଭେଡେନ, ୧୧।୧(ସମିସ): ଭେଡେନ ବ୍ଲକ ମାନପୁର ପଞ୍ଚାୟତ ଅଇଲାପାଲିରେ ଆସନ୍ତା ୨୨ରୁ ୨୮ ତାରିଖ ପର୍ଯ୍ୟନ୍ତ ସପ୍ତକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ହେବ। ଏହି ଅବସରରେ ହେବାକୁ ଥିବା ରାମଲୀଳା ପାଇଁ ରାବଣ ବରଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। କମିଟିର ସଦସ୍ୟ ଓ ଗ୍ରାମବାସୀ ବିନକା ଅରିଗାଁ ଯାଇ ଗାଁର ଗୋପାଳ ଚନ୍ଦ୍ର ଦାଶଙ୍କୁ ନାରିକେଳ, ପୁଷ୍ପମାଲ୍ୟ ଓ ଉପଢୌକନ ଦେଇ ରାବଣ ଭାବେ ବରଣ କରିଛନ୍ତି। ବରଣ ସମୟରେ ରାଜୀବ ଦାଶ, ଘନଶ୍ୟାମ ପଧାନ, ଗୋପବନ୍ଧୁ ବିଶି, କରମଚାନ୍ଦ ବେହେରା, ପ୍ରଦୀପ ପଧାନ, ପାଣ୍ଡବ ସାହୁ, ତଶୋବନ୍ତ ଭୋଇ ସମେତ କମିଟିର ଅନେକ ସଦସ୍ୟ ଓ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଖଲିଆପାଲି ପଞ୍ଚାୟତ ହାଇସ୍କୁଲରେ ପରିବେଶ ସଚେତନତା




ବରଗଡ଼, ୧୧।୧(ସମିସ): ଆଦାନି ଫାଉଣ୍ଡେସନ ତରଫରୁ ବରଗଡ଼ ଖଲିଆପାଲି ପଞ୍ଚାୟତ ହାଇସ୍କୁଲରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ କିର୍ତ୍ତୀଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଧିବେଶନରେ ଆଦାନି ଫାଉଣ୍ଡେସନ ସିଏସ୍‌ଆର୍ ମୁଖ୍ୟ ପ୍ରଦୀପ୍ତ ମହାନ୍ତି ପରିବେଶ ଉପରେ ସଚେତନତା ସୃଷ୍ଟି କରିଥିଲେ। ପରିବେଶ ଉପରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଫାଉଣ୍ଡେସନର ସାମାଜିକ କର୍ମୀ ନିରୂପମା ମହାନ୍ତି ସହଯୋଗ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ବିଜୟ କର, ବଳରାମ ପାଣ୍ଡେ, ମୂରଳିଧର ଭୁଏ, ସୁଶାନ୍ତ ପୂଜାରୀ ସମେତ ସମସ୍ତ ଛାତ୍ରଛାତ୍ରୀ ତଥା ଅଭିଭାବକ ଅଂଶଗ୍ରହଣ କରିଥିଲେ।

## ୧୫ରେ ବରଗଡ଼ ବନ୍ଦ ସ୍ଥଗିତ



ବରଗଡ଼, ୧୧।୧(ସମିସ): ବିଶ୍ୱ ହିନ୍ଦୁ ପରିଷଦ ବରଗଡ଼ ତଥା ବିଭିନ୍ନ ସଙ୍ଗଠନ ପକ୍ଷରୁ ଆସନ୍ତା ୧୫ ତାରିଖ ଦିନ ବନ୍ଦ ଡାକରା ଦିଆ ଯାଇଥିଲା। ତାହା ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀଙ୍କ ପ୍ରଚେଷ୍ଟା କ୍ରମେ ସ୍ଥଗିତ ରହିଛି। ବରଗଡ଼ ଜିଲ୍ଲାରେ ଅନୁପ୍ରବେଶକାରୀଙ୍କ ବିରୋଧରେ ଜନସାଧାରଣଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଆଗାମୀ ଜାନୁଆରୀ ୧୫ ତାରିଖରେ ହେବାକୁ ଥିବା 'ବରଗଡ଼ ବନ୍ଦ' ଉପରେ ଆଲୋଚନା କରିବା ସହ ବରଗଡ଼ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, କୁନୁ ମହାନ୍ତି, ସଞ୍ଜୀବ ମେହେର, ସଂଘମିତ୍ରା ପଟେଲ, କାହ୍ନୁଚରଣ ପୃଷ୍ଟି, କେଦାର ମିଶ୍ର, ପରମାନନ୍ଦ ମିଶ୍ର, ପ୍ରତାପ ପଟ୍ଟନାୟକ, ଡୋଳାମଣି ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମସ୍ୟାର ସମାଧାନ ପାଇଁ ପୋଲିସ କର୍ତ୍ତୃପକ୍ଷଙ୍କ ଦ୍ୱାରା ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବରଗଡ଼ ଏସପି ପ୍ରହଲ୍ଲାଦ ସହାୟ ମୀନା ପ୍ରତିଶ୍ରୁତି ଦେଇଥିଲେ। ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ 'ବରଗଡ଼ ବନ୍ଦ' ଡାକରାକୁ ବର୍ତ୍ତମାନ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି।

## ବୈଦିକ ବିଦ୍ୟାଳୟରେ ଭିସାଟ୍ -୨୦୨୬




ବରଗଡ଼, ୧୧।୧(ସମିସ): ଶିକ୍ଷା କ୍ଷେତ୍ରରେ ବିଶେଷ ପାରଦର୍ଶିତା ଲାଭ କରିଥିବା ଶିକ୍ଷାନୁଷ୍ଠାନ ବୈଦିକ ବିଦ୍ୟାଳୟର ବୈଦିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ବୈଦିକ ସ୍କୋଲାରସିପ ଟେଷ୍ଟ ଭିସାଟ -୨୦୨୬ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ଜିଲ୍ଲା ତଥା ଜିଲ୍ଲା ବାହାର ବିଦ୍ୟାଳୟର ଦଶମଶ୍ରେଣୀରେ ଅଧ୍ୟୟନ କରୁଥିବା ଏକ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ବିଜ୍ଞାନ, ଗଣିତ ଓ ଇଂରାଜୀ ବିଷୟରେ ଉପାଦେୟ ପ୍ରଶ୍ନ ସବୁ ଆସିଥିଲା, ଯାହାକି ପରୀକ୍ଷାର୍ଥୀ ମାନଙ୍କୁ ମାଟ୍ରିକ ବୋର୍ଡ ପରୀକ୍ଷାରେ ସହାୟକ ହେବ ବୋଲି ପରୀକ୍ଷା ନିୟନ୍ତ୍ରକ ତଥା ବୈଦିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ବଲପୁରର ଅଧ୍ୟକ୍ଷ ସୁକାନ୍ତ କୁମାର ମହାପାତ୍ର ପ୍ରକାଶ କରିଥିଲେ। ବୈଦିକ ବିଦ୍ୟାଳୟ ସମୂହର ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଓ ଅଭିଭାବକମାନଙ୍କୁ ସମ୍ବୋଧିତ କରିଥିଲେ। ବରଗଡ଼ ଶାଖାର ଅଧ୍ୟକ୍ଷା ଗାର୍ଗୀ ଚାଟାର୍ଜୀ ଧନ୍ୟବାଦ ଦେଇଥିଲେ।

## ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: କୁଚିଣ୍ଡା ଚାମ୍ପିଅନ

ଗାଇସିଲେଟ, ୧୧।୧(ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ମିନି ଷ୍ଟାଡିୟମଠାରେ ଆଥେଲେଟିକ ଆସୋସିଏସନ ପକ୍ଷରୁ ତିନିଦିନ ଧରି ଚାଲିଥିବା ୨୮ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସର ଫାଇନାଲ ମ୍ୟାଚ କୁଚିଣ୍ଡା ବି.ଏଫ୍.ସି ଓ ଝାରସୁଗୁଡ଼ା ଆଦର୍ଶ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କୁଚିଣ୍ଡା ୨-୦ ଗୋଲରେ ଝାରସୁଗୁଡ଼ା ଦଳକୁ ହରାଇ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିଲା। ଝାରସୁଗୁଡ଼ା ଦଳ ରନର୍ସ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ, ଅମ୍ବିକା ତ୍ରିବେଦୀ, ପାଟଣାଗଡ଼ ବିଇଓ ଶଙ୍କର ମାଝୀ, ୟୁଥ କ୍ଲବ ସଭାପତି ରଞ୍ଜନ ପଣ୍ଡା, ସରପଞ୍ଚ ଶରତ କାଲୋ ଯୋଗ ଦେଇଥିଲେ। ରେଫରୀ ଭାବରେ ପ୍ରଶାନ୍ତ ବେହେରା, ଶଶିକାନ୍ତ ଦାସିଆ, ଜିତେନ୍ଦ୍ରୀୟ ଥନାପତି ପରିଚାଳନା କରିଥିଲେ। ବିଜେତା ଦଳକୁ ୩୦୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିବାବେଳେ ଉପ ବିଜେତା ଦଳକୁ ୨୦୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲ।




## ବରଗଡ଼ରେ ଇ- ବସ୍ ସେବା କେବେ ?

ବରଗଡ଼, ୧୧।୧(ସମିସ): ସମ୍ବଲପୁର ଜିଲ୍ଲାରେ ଏବେ ଇ- ବସ୍ ସେବା ଆରମ୍ଭ ହୋଇଥିଲେ ହେଁ ବରଗଡ଼ରେ ଏଯାଏ ଆରମ୍ଭ ହୋଇନାହିଁ। ଏପରିକି ବରଗଡ଼ ଜିଲ୍ଲା ସଦର ମହକୁମାଠାରୁ ବିଭିନ୍ନ ବ୍ଲକକୁ ଏବେ ସୁଦ୍ଧା ସରକାରୀ ବସ୍‌ଟିଏ ଚଳାଚଳର ସୁବିଧା ନାହିଁ। ଭଟଲି, ଅମ୍ବାଭୋନା, ଭେଡେନ, ଗାଇସିଲେଟ, ଝାରବନ୍ଧ, ବ୍ଲକର ବିଭିନ୍ନ ସ୍କୁଲରେ ନାମ ଲେଖାଇ ପାଠ ପଢ଼ିବା ପାଇଁ ଅନ୍ୟ ବ୍ଲକ ତଥା ଦୁରଦୂରାନ୍ତରରୁ ଛାତ୍ରଛାତ୍ରୀମାନେ ଆସି ନାମ ଲେଖାଉଛନ୍ତି। ତନ୍ମଧ୍ୟରୁ କେତେକ ଛାତ୍ରଛାତ୍ରୀ ପ୍ରାଇଭେଟ୍ ବସ୍, ଅଟୋ ଏପରିକି ଅନେକ ସମୟରେ ପିକ୍ ଅପ୍ ଭ୍ୟାନ୍ ରେ ଯାଉଥିବାର ଦେଖାଯାଉଛି। ମୁଖ୍ୟମନ୍ତ୍ରୀ ବସ୍ ସେବାରେ ଛାତ୍ରଛାତ୍ରୀମାନଙ୍କୁ ମାଗଣାରେ ଯାତ୍ରା କରିବାର ସୁବିଧା ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାକୁ ସାଧାରଣ ଜନତା ସ୍ୱାଗତ କରିଥିଲେ ହେଁ ବରଗଡ଼ରୁ ଅମ୍ବାଭୋନା ବ୍ଲକର ଉପାନ୍ତ ଅଞ୍ଚଳ ରୁଚିଦାକୁ ଓଡ଼ିଶା ରାଜ୍ୟ ଆଞ୍ଚଳିକ ପରିବହନ ନିଗମ ପକ୍ଷରୁ ଯେମିତି ବସ୍ ଚାଲିବ ସେଥିପ୍ରତି ସ୍ଥାନୀୟ ଲୋକ ପ୍ରତିନିଧି ଏବଂ ପରିବହନ ମନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ଦେବା ଉଚିତ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ଅମ୍ବାଭୋନାକୁ ଗାଡ଼ି ଗଡ଼ିବାର ନାହିଁ ସମ୍ଭାବନା ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି।

## ଯକ୍ଷ୍ମାରୋଗୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କଲେ ଲାୟନ୍ସ ଓ ସ୍ୱାସ୍ଥ୍ୟ ବିଭାଗ



ଅତାବିରା, ୧୧।୧(ସମିସ): ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ନୂତନଭାବେ ବ୍ଲକର ବିଭିନ୍ନ ଗ୍ରାମର ୨୦ ଜଣ ଯକ୍ଷ୍ମାରୋଗୀଙ୍କୁ ଚିହ୍ନଟ କରାଯାଇଛି। ଏମାନଙ୍କୁ ଗୋଡ଼ଭଗା, ଅତାବିରା ଏବଂ ସମ୍ବଲପୁର ଲାୟନ୍ସ କ୍ଲବ ପୋଷ୍ୟ ରୂପେ ଗ୍ରହଣ କରିଛନ୍ତି। ସମସ୍ତଙ୍କୁ ନିକ୍ଷୟ ମିତ୍ର ରୂପେ ୬ମାସର ପୁଷ୍ଟିକର ଖାଦ୍ୟ ସାମଗ୍ରୀ ବଣ୍ଟନ କରିଛନ୍ତି। ଯକ୍ଷ୍ମାରୋଗୀଙ୍କୁ ପୋଷ୍ୟ ରୂପେ ଗ୍ରହଣ କରି ତାଙ୍କର ଚିକିତ୍ସାଧୀନ ସମୟରେ ପୁଷ୍ଟିକର ଖାଦ୍ୟର ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି କୁହାଯାଇଛି। ଏହି ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା.ଚିତ୍ତରଞ୍ଜନ ଜେନା, ସାଇ ଆନନ୍ଦ ବିଶ୍ୱାଳ, ସତୀଶ ଦାଶ, ବୀରେନ୍ଦ୍ର ଅଦାବର, ବେଦବ୍ୟାସ ସେଠ, ଦେବବ୍ରତ ରଥ ଏବଂ ସମ୍ବଲପୁର ଲାୟନ୍ସ କ୍ଲବର ଲାୟନ ରୀନା ପୁରୀ, ସରିତା ଶତପଥୀ, ସିଂଡର ସାଲୁଜା, ସରିକା ଅଗ୍ରୱାଲ, ଚିରଞ୍ଜିତ କୌର ହୁରାଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## ଜନତା ସରକାରୀ ହାଇସ୍କୁଲରେ ଶକ୍ତି ସଂରକ୍ଷଣ ଶପଥ



ଅମ୍ବାଭୋନା, ୧୧।୧(ସମିସ): ଶକ୍ତି ସଂରକ୍ଷଣ ସକାଶେ ବାଲ୍ୟାବସ୍ଥାରୁ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସଚେତନତାର ଭାବ ଜାଗ୍ରତ କରିବା ଉଦ୍ଦେଶ୍ୟରେ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁକ୍ତାରେ ଶକ୍ତି କ୍ଲବ୍ ପକ୍ଷରୁ ଶକ୍ତି ସଂରକ୍ଷଣ ଶପଥ ପାଠ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଇକୋ କ୍ଲବ୍ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ଛାତ୍ରଛାତ୍ରୀମାନଙ୍କୁ ଶକ୍ତି ସଂରକ୍ଷଣ ଶପଥ ପାଠ କରାଇଥିଲେ। ବିଦ୍ୟାଳୟର ଶକ୍ତି କ୍ଲବ୍, ବିଜ୍ଞାନ କ୍ଲବ୍ ଓ ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବର ସଦସ୍ୟଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ବୋଧରାମ ବିଶ୍ୱାଳ, ଆଶୁତୋଷ ଭୋଇ, ତେଜରାମ ସା, ଶ୍ରୀପତି ସାହୁ, ପ୍ରଶାନ୍ତ ମହାପାତ୍ର, ପଦ୍ମଲୋଚନ ବିଶି, ସୁବାସ ଚନ୍ଦ୍ର ଖମାରୀ, ଅନୀଲ ସିଦାର, ଶିକ୍ଷୟିତ୍ରୀ ରୋଜାଲିନ ଭୋଇ, ସୌଦାମିନୀ ବାରିକ, ରାଜକୁମାରୀ ଭୁଏ, ସରିତା ପଟେଲ, ମନୋଜା ପଟେଲ ଅଂଶ ଗ୍ରହଣ କରିଥିଲେ।

### ଜାମସେଠ୍ ହେଲ୍ଥ ପ୍ରିମିୟର ଲିଗ୍

## ଜାମସେଠ ପିଏଚ୍‌ସି ଚାମ୍ପିଅନ

ପାଇକମାଳ, ୧୧।୧(ସମିସ)



ପାଇକମାଳ ବ୍ଲକ ଛିନ୍ଦେଇକେଲା ଚନ୍ଦ୍ରଶେଖର ମିନି ଷ୍ଟାଡିୟମରେ ରବିବାର ଜାମସେଠ ପ୍ରାଥମିକ ଚିକିତ୍ସାଳୟ (ପିଏଚସି) ପକ୍ଷରୁ ଆୟୋଜିତ ଦ୍ୱିତୀୟ ହେଲ୍ଥ ପ୍ରିମିୟର ଲିଗ୍ ଟୁର୍ଣ୍ଣାମେଣ୍ଟରେ ମାଣ୍ଡୋସିଲ ଟିପିଡବ୍ଲୁଓଡିଏଲକୁ ହରାଇ ଜାମସେଠ ପିଏଚ୍‌ସି ଚାମ୍ପିଅନ ହୋଇଛି। ଜାମସେଠ ସରପଞ୍ଚ ଆର୍ତ୍ତତ୍ରାଣ ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜାମସେଠ ଲିଜେଣ୍ଡ ଓ ମାଣ୍ଡୋସିଲ ଲିଜେଣ୍ଡ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚରେ ଜାମସେଠ ବିଜୟୀ ହୋଇଥିଲ। ଦ୍ୱିତୀୟ ମ୍ୟାଚରେ ଜାମସେଠ ଲିଜେଣ୍ଡ ଓ ମାଣ୍ଡୋସିଲ ଟିପିଡବ୍ଲୁଓଡିଏଲ ମଧ୍ୟରେ ଟିପିଡବ୍ଲୁଓଡିଏଲ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଛିନ୍ଦେଇକେଲା ଲିଜେଣ୍ଡ ଓ ଟେମେରିମାଲ ଲିଜେଣ୍ଡ ଅନୁଷ୍ଠିତ ମ୍ୟାଚରେ ଟେମେରିମାଲ ବିଜୟୀ ହୋଇଥିଲେ। ଟେମେରିମାଲ ଓ ଜାମସେଠ ପିଏଚସି ମଧ୍ୟରେ ହୋଇଥିବା ଖେଳରେ ଜାମସେଠ ପିଏଚସି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ଜାମସେଠ ପିଏଚ୍‌ସି ଓ ମାଣ୍ଡୋସିଲ ଟିପିଡବ୍ଲୁଓଡିଏଲ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଜାମସେଠ ପିଏଚସି ଚାମ୍ପିଅନ ହୋଇଥିଲା। ଜିତୁନ ପଟ୍ଟନାୟକ ଓ ନରେଶ ନେଉରା ଅମ୍ପାୟାର ଥିବାବେଳେ ଜୟକିଶୋର ସୁନା ସ୍କୋରର ଥିଲେ। ରିଷଭ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଜାମସେଠ ପିଏଚସି ଡା. ପଙ୍କଜ କୁମାର ଭୋଇ ଓ ସମ୍ମାନିତ ଅତିଥି ଭାବେ ଫାର୍ମାସିଷ୍ଟ ଭରତଲାଲ ପଟେଲ, ସମାଜସେବୀ ପ୍ରମୋଦ ରାୟ, ଶଶାଙ୍କ ପଟ୍ଟନାୟକ, ଗୋକୁଳ ତାଣ୍ଡି, ଦେବ ସିଂ ଭରାସାଗର ପ୍ରମୁଖ ପୁରସ୍କୃତ କରିଥିଲେ। ଏଥିରେ ବିପିନ ଭୂଏ, ନିର୍ମଳ ନାୟକ, ଭ୍ରମର ପୁଝାରୀ, ସତ୍ୟଭୂଷଣ ବାରିକ, ଜତିନ୍ ପ୍ରଧାନ, ଉମାକାନ୍ତ ସୁନା, କୈଳାସ ହଂସ, ପିତବାସ ରାଉତ, ତରୁଣ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସୋହେଲା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ସୋହେଲା, ୧୧।୧(ସମିସ): ସୋହେଲା ମହାବିଦ୍ୟାଳୟରେ ୨୦୨୫-୨୬ ଶିକ୍ଷାବର୍ଷର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ପ୍ରଥମ ଦିନ ସକାଳେ କ୍ରୀଡ଼ାବିତମାନେ ସୋହେଲା ଦୁର୍ଗାମନ୍ଦିରରୁ କ୍ରୀଡ଼ା ଜ୍ୟୋତି ଆଣି ପଡ଼ିଆରେ ସ୍ଥାପନ ପରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ମିଶ୍ର ପତାକା ଉତ୍ତୋଳନ କରିଥିଲେ। ପ୍ରଥମ ଦିନରେ ଯୁକ୍ତଦୁଇସ୍ତରୀୟ ଖେଳ ପ୍ରତିଯୋଗିତା ବିଭିନ୍ନ ବର୍ଗରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଳକ ବର୍ଗରେ କଳା ବିଭାଗର ଲିପୁନ ବେହେରା ଓ ବାଳିକା ବର୍ଗରେ ବବଲି ସୁଙ୍କିଆ ବ୍ୟକ୍ତିଗତ ଚାମ୍ପିଅନ ହୋଇଥିଲେ। ଦ୍ୱିତୀୟ ଦିନରେ ଯୁକ୍ତ ତିନି ବର୍ଗର ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ବାଳକ ବର୍ଗରେ ଅନ୍ତିମବର୍ଷ କଳା ଛାତ୍ର ଲମ୍ବୋଦର ଭୁଏ ଓ ବାଳିକା ବର୍ଗରେ ଛାତ୍ରୀ ସଙ୍ଗୀତା ସାମିନି ବ୍ୟକ୍ତିଗତ ଚାମ୍ପିଅନ ହୋଇଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ଅତିଥି ଭାବରେ ଅବସରପ୍ରାପ୍ତ ଚିକିତ୍ସକ ଡ. ଶିଶିର କୁମାର ସାହୁ, ପୂର୍ବତନ କଲେଜ ଅଧ୍ୟକ୍ଷ ଟେକଚାନ୍ଦ ଦୁଆନ, ସଇଁତଳା ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ବାରିକ ଓ ସମାଜସେବୀ ଅନୀଲ ପ୍ରଧାନ ଯୋଗଦେଇ ଥିଲେ। ଏହି ପ୍ରତିଯୋଗିତାକୁ ଖେଳଶିକ୍ଷକ ସୁଦାମ ବାରିକ, ସୁଶାନ୍ତ ସାହୁ ଓ ଗିରିଧାରୀ ଦଣ୍ଡସେନା




ପରିଚାଳନା କରିଥିବାବେଳେ କ୍ରୀଡ଼ା ସଂସଦର ଉପସଭାପତି ଅଧ୍ୟାପକ ପ୍ରେମଚାନ୍ଦ ଦୁଆନ, ପ୍ରତାପ ମିଶ୍ର, ବିନୟ ପାଣିଗ୍ରାହୀ, ଗଣେଶ ମିର୍ଦ୍ଧା, ଆଦିତ୍ୟ ଖମାରୀ, ସୁରେନ୍ଦ୍ର ସାହୁ ଓ ଅନୀଲ କୁମାର ନାୟକଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଅଣ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

### ପ୍ରହସନ ପାଲଟିଛି 'ହରିଶ୍ଚନ୍ଦ୍ର ଯୋଜନା'

# ମୃତ୍ୟୁର ଦେଢ଼ମାସ ପରେ ମଧ୍ୟ ମିଳୁନି ସହାୟତା ରାଶି

**ଶଗଡ଼ା, ୧୧।୧(ସମିସ)**

ସରକାର ଗରିବ ଲୋକଙ୍କୁ ଆର୍ଥିକ ସ୍ବଚ୍ଛଳ କରିବା ପାଇଁ ଅନେକ ଯୋଜନା କରି କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ସେହିପରି ସରକାର ହରିଶ୍ଚନ୍ଦ୍ର ଯୋଜନା ମାଧ୍ୟମରେ ମୃତ୍ୟୁପରେ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ଶବସତ୍କାର କରିବା ପାଇଁ ୩ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥାନ୍ତି। ହେଲେ ଉକ୍ତ ଯୋଜନାର ସୁଫଳ ମୃତକଙ୍କୁ ଠିକ ସମୟରେ ମିଳୁ ନ ଥିବା ଅଭିଯୋଗ ହୋଇଛି। ଏଭଳି ଯୋଜନାର ବ୍ୟତିକ୍ରମ ଦେଖିବାକୁ ମିଳିଛି କନ୍ଧମାଳ ବ୍ଲକ ଗୁଡଭେଲି ପଦର ପଞ୍ଚାୟତରେ। ଗୁଡଭେଲି ପଦର ପଞ୍ଚାୟତରେ ହରିଶ୍ଚନ୍ଦ୍ର ଯୋଜନା ବାଟବଣା ହେଉଥିବା ଅଭିଯୋଗ ହୋଇଛି। ଗତ ଦେଢ଼ ମାସ ମଧ୍ୟରେ ଗୁଡଭେଲି ପଦର ଗ୍ରାମରେ ପାଖାପାଖି ୭ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଜଣେ ମଧ୍ୟ ହରିଶ୍ଚନ୍ଦ୍ର ଯୋଜନାର ଲାଭ ପାଇ ନାହାନ୍ତି। ଏପରିକି ଶବଦାହ କରିବା ପାଇଁ ଆବଶ୍ୟକ କାଠ କିଣିବା ପାଇଁ ଅସମର୍ଥ ହେଉଥିବାରୁ ଅନେକଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବା ଅଭିଯୋଗ ହୋଇଛି। ସମସ୍ତ ମୃତକଙ୍କ ସମ୍ପର୍କୀୟମାନେ ଆବଶ୍ୟକୀୟ କାଗଜପତ୍ର ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ନିକଟରେ ଦାଖଲ କରିଥିଲେ ସୁଦ୍ଧା ଟଙ୍କା ନ ଥିବା ସହ ଆହୁରି ଅନେକ ଲୋକଙ୍କ ସହାୟତା ରାଶି ପ୍ରଦାନ କରାଯାଇ ନାହିଁ କହି ପଞ୍ଚାୟତ ନିର୍ବାହୀ ଅଧିକାରୀ ଫେରାଇ ଦେଉଥିବା ଜଣାପଡ଼ିଛି। ଇତିମଧ୍ୟରେ ଦେଢ଼ ମାସରୁ ଅଧିକ ସମୟ ବିତି ଯାଇଥିଲେ ସୁଦ୍ଧା କାହାରିକୁ ମଧ୍ୟ ଟଙ୍କା ପ୍ରଦାନ କରା ନ ଯିବା ପରିତାପର ବିଷୟ। ଘଟଣା ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଆହ୍ଲାଦିନୀ ଭୋଇଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଫୋନ ଉଠାଇ ନ ଥିଲେ। କନ୍ଧମାଳ ବିଡିଓ ସାମି ଜୟଶ୍ରୀ ରେଙ୍କୁ ପଚାରିବାରୁ ଉକ୍ତ ଫଣ୍ଡରେ ଟଙ୍କା ନ ଥିବାରୁ ବ୍ଲକର କୌଣସି ପଞ୍ଚାୟତରେ ହରିଶ୍ଚନ୍ଦ୍ର ଯୋଜନାର ସହାୟତା ରାଶି ପ୍ରଦାନ କରାଯାଇ ନାହିଁ ବୋଲି କହିଥିଲେ।

## ୧୧୦ ହିତାଧିକାରୀଙ୍କୁ ଚାଉଳ ବନ୍ଦ ପାଇଁ ନୋଟିସ

**ପାଟଣାଗଡ଼, ୧୧।୧(ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକରେ ଥିବା ପଞ୍ଚାୟତ ଗୁଡ଼ିକରେ ଯୋଗ୍ୟ ଥିବା ହିତାଧିକାରୀଙ୍କୁ ବିଜୁ ପକ୍କା ଘର ଓ ପ୍ରଧାନମନ୍ତ୍ରୀ ଆବାସ ଘର ତିଆରି ପାଇଁ ୱାର୍କଅର୍ଡର ଦିଆଯାଇଛି। କିନ୍ତୁ ଟଙ୍କା ଉଠାଇ ବର୍ଷବର୍ଷ ଧରି ୧୧୦ ହିତାଧୀକାରୀ ଘର ତିଆରି କରୁନାହାନ୍ତି। ଏନେଇ ପାଟଣାଗଡ଼ ବ୍ଲକ ପ୍ରଶାସନ କଡ଼ା ପଦକ୍ଷେପ ନେଇଛି। ଟଙ୍କା ଚଲୁକରି ଘର ତିଆରି କରୁନଥିବା ହିତାଧିକାରୀଙ୍କୁ ପଞ୍ଚାୟତରୁ ମିଳୁଥିବା ରାସନ ତଥା ଚାଉଳ ବନ୍ଦ କରାଯିବା ନେଇ ନୋଟିସ କରାଯାଇଛି। ଏନେଇ ବିଡ଼ିଓ ପାଟଣାଗଡ଼ ସୁମନ ମିଞ୍ଜଙ୍କୁ ପଚାରିବାରୁ ବର୍ତ୍ତମାନ ୧୧୦ ଜଣ ହିତାଧିକାରୀ ଟଙ୍କା ଉଠାଇ ଦେଇ ଘର ତିଆରି କରିନାହାନ୍ତି। ମୁଁ ପଞ୍ଚାୟତ ପଞ୍ଚାୟତ ବୁଲି ଘର ତିଆରି କରିବା ପାଇଁ ଲୋକଙ୍କୁ ସଚେତନ କଲି। ତିନି ତିନି ଥର ନୋଟିସ ଦେବାପରେ ମଧ୍ୟ ଲୋକେ ଘର ତିଆରି କରୁନାହାନ୍ତି। ପରେ ଓପିଆର ଆକ୍ଟ ଅନୁସାରେ ଘର ତିଆରି ନ କଲେ ଚାଉଳ ବନ୍ଦ କରାଯିବ ବୋଲି ନୋଟିସ କରାଯାଇଛି। ସେଥିପାଇଁ ସରକାରଙ୍କ ନିର୍ଦ୍ଦେଶ ନା ଉପରସ୍ତରରୁ ନିର୍ଦ୍ଦେଶ ହୋଇଛି କି ବୋଲି ପଚାରିବାରୁ ନାହିଁ ବ୍ଲକ ପ୍ରଶାସନ ତରଫରୁ କରାଯାଇଛି ଓ ଏହା ଏକ ଚେତାବନୀ ଏବଂ ଅତ୍ୟନ୍ତ ଗରିବ, ବୃଦ୍ଧ, ବୃଦ୍ଧାଙ୍କ ଚାଉଳ ବନ୍ଦ କରାଯାଉନାହିଁ ବୋଲି କହିଥିଲେ। ଅପରପକ୍ଷରେ ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ ଲୋକଙ୍କୁ ମାଗଣା ଚାଉଳ ବଣ୍ଟନ କରୁଛନ୍ତି। ଗାଁ ଗୁଡିକରେ ଗରିବ ଶ୍ରେଣୀର ପରିବାର ତଥା ବୃଦ୍ଧ, ବୃଦ୍ଧା ପଞ୍ଚାୟତରୁ ଚାଉଳ ଟିକକ ପାଇ ଚଳୁଛନ୍ତି। କିନ୍ତୁ ଘର ତିଆରି କରିନଥିବା ହିତାଧିକାରୀଙ୍କ ଚାଉଳ ବନ୍ଦ କଥା ପ୍ରଘଟ ପରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଘୋର ବୃଦ୍ଧି ପାଇବାରେ ଲାଗିଛି। ଘର ତିଆରି କରିନଥିବା ହିତାଧିକାରୀଙ୍କ ବିରୋଧରେ ଚାଉଳ ବନ୍ଦ ନ କରି ଅନ୍ୟ ଉପାୟରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିଥାନ୍ତା ବୋଲି ମତ ପ୍ରକାଶ ପାଇଛି।

## ସ୍ୱାମୀ ଶକ୍ତିଭୂଷଣାନନ୍ଦ ସରସ୍ୱତୀଙ୍କ ପରଲୋକ

**ଦେଓଗାଁ, ୧୧।୧(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅଧୀନ ଦେଓଗାଁ ଭଞ୍ଜପଡ଼ାସ୍ଥିତ ତଥା ଚନ୍ଦ୍ରପୁର ଯୋଗାଶ୍ରମର ବାବା ସ୍ୱାମୀ ଶକ୍ତିଭୂଷଣାନନ୍ଦ ସରସ୍ୱତୀଙ୍କ



ରବିବାର ପରଲୋକ ଘଟିଛି। ସେ ଚନ୍ଦ୍ରପୁର ଯୋଗାଶ୍ରମରେ ଦୀର୍ଘବର୍ଷ ଧରି ଶକ୍ତି ଉପାସନା କରିଆସୁଥିଲେ। କିଛିବର୍ଷ ତଳେ ତାଙ୍କ ଅନ୍ୟତମ ସହଯୋଗୀ ବାବା ଜୟକିଶାରାନନ୍ଦ ସରସ୍ୱତୀଙ୍କ ପରଲୋକ ପରେ ସେ ଏକାକୀ ଆଶ୍ରମକୁ ପରିଚାଳିତ କରିଆସୁଥିଲେ। ତାଙ୍କ ପରଲୋକ ଖବର ପ୍ରଚାରିତ ହେବାପରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି।

## ଅମରପାଲି ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ବୀରମହାରାଜପୁର, ୧୧।୧ (ସମିସ):** ବୀରମହାରାଜପୁର ବ୍ଲକ ଅମରପାଲି ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶ୍ୟାମସୁନ୍ଦର ସେଠିଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସ୍କୁଲର ପରିଚାଳନା କମିଟି ସଭାପତି ଅଶୋକ କୁମାର ସାହୁ ମୁଖ୍ୟଅତିଥି, ପୂର୍ବତନ ସମିତି ସଭ୍ୟ ଡମ୍ବରୁଧର ସାହୁ, ସାମ୍ବାଦିକ ପିତାମ୍ବର ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଦୁଇଦିନ ଧରି ଚାଲିଥିବା କ୍ରୀଡା ପ୍ରତିଯୋଗିତାରେ ୨୨୫ଜଣ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ। ବାଳକ ବିଭାଗ ପାଇଁ ୧୧ଟି ଇଭେଣ୍ଟ ଓ ବାଳିକା ବିଭାଗ ପାଇଁ ୧୦ଟି ଇଭେଣ୍ଟ କରାଯାଇଥିଲା। ଉଭୟ ବିଭାଗର



ରଶ୍ମି ରଞ୍ଜନ ସାହୁ ଓ ସୁନେଲି ପଧାନ ଚାମ୍ପିୟନ ହୋଇଥିଲେ। ପ୍ରଧାନଶିକ୍ଷକ ଉମେଶଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ନିର୍ମଳ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ବେଳେ ସଭାପତି ଅଶୋକ କୁମାର ସାହୁ, ଅବସର ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ, କନ୍ଦର୍ପ ସେଠି ପ୍ରମୁଖ ସମ୍ମିଳନୀ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ଖେଳ ଶିକ୍ଷକ କହ୍ନେଇ ଚରଣ ପଧାନ କ୍ରୀଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଶିକ୍ଷକ ଶ୍ୟାମ ସୁନ୍ଦର ସେଠି, ସମ୍ବିତ ପଧାନ, ବ୍ରହ୍ମକ୍ଷ ନନ୍ଦ ପଧାନ, ପଦ୍ମନାଭ ପଧାନ, ନଟବର ରଣା, ନଟିଆ ସାହୁ, ଜଗନ୍ନାଥ ସାହୁ ଓ ଗୋବର୍ଦ୍ଧନ ନାଏକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ରାଜ୍ୟସ୍ତରୀୟ କଳାକ୍ଷେତ୍ର ସମ୍ମାନ ଓ ବାର୍ଷିକ ଉତ୍ସବ

## ମା' ରୁଦ୍ରକାଳୀ ହରଭଙ୍ଗା ଦଣ୍ଡ କଳାକାର ପ୍ରଥମ

**ବୌଦ୍ଧ, ୧୧।୧(ସମିସ):** ରାଜ୍ୟସ୍ତରୀୟ କଳାକ୍ଷେତ୍ର ସମ୍ମାନ ଓ ବାର୍ଷିକ ଉତ୍ସବ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। କଳାକ୍ଷେତ୍ର ଭୁବନେଶ୍ୱର ଦ୍ୱାରା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସମ୍ମାନିତ ଅତିଥି ଭାବେ କଳାକ୍ଷେତ୍ର ରାଜ୍ୟ ସଭାପତି ଅଶ୍ରୁମୋଚନ ମହାନ୍ତି, ସମ୍ପାଦକ ବାସୁଦେବ ମାଳ ବିଷୋଇ ଉପସ୍ଥିତ ରହିଥିଲେ। ୩୦ଟି ଜିଲ୍ଲାରୁ ପ୍ରାୟ ୧ ହଜାର କଳାକାର ଓ ୪୦ ଟି କଳାକାର ଦଳ ଭାଗ ନେଇଥିଲେ। ତନ୍ମଧ୍ୟରୁ ବୌଦ୍ଧ ଜିଲ୍ଲାର ହରଭଙ୍ଗା, ବୌଦ୍ଧ



ଓ କନ୍ଧମାଳ ବ୍ଲକରୁ ୧୦୦ଜଣ କଳାକାର ଭାଗ ନେଇଥିଲେ। ବୌଦ୍ଧ ଜିଲ୍ଲା ବିଜେପି ସଭାପତି ପ୍ରେମାନନ୍ଦ ମିଶ୍ର, ଜିଲ୍ଲା କଳାକାର ସଭାପତି-ଶିବ କମ୍ପ, ହରଭଙ୍ଗ ବ୍ଲକ ସଭାପତି-ଅର୍ଜୁନ ଭୋକ୍ତା, ବୌଦ୍ଧ ବ୍ଲକ ସଭାପତି-ମଞ୍ଜୁ ରଣା, କନ୍ଧମାଳ ସଭାପତି ବାସୁଦେବ ମହାନ୍ତି ସାମିଲ ରହିଥିଲେ। ରାଜ୍ୟ ସ୍ତରରେ ବୌଦ୍ଧ ଜିଲ୍ଲାକୁ କଳାପ୍ରଦର୍ଶନ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଜିଲ୍ଲାରସ୍ତରରେ ମାଁ ରୁଦ୍ରକାଳୀ ଦଣ୍ଡ କଳାକାର ହରଭଙ୍ଗା ବ୍ଲକ ପ୍ରଥମ ସ୍ଥାନ ଅଧିକାର କରିଥିଲା। ହରଭଙ୍ଗା ବ୍ଲକ କଳାକାର ସୁରେନ୍ଦ୍ର କର୍ଣ୍ଣ, ଅତିରାତ୍ର ପ୍ରଧାନ ଓ ଅରୁଣ ମେଣ୍ଡୁଲି ମଧ୍ୟ ଏହି କାର୍ଯ୍ୟକ୍ରମ ରେ ସାମିଲ ରହିଥିଲେ। ମଞ୍ଚରେ ଉକ୍ତ ପ୍ରତିଭାବାନ କଳାକାର ଓ ତାଙ୍କ କଳାକୁ ମୁଖ୍ୟଅତିଥି ଉପମୁଖ୍ୟମନ୍ତ୍ରୀ ପ୍ରତିଭା ପରିଡ଼ା ଓ ରାଜ୍ୟ ସଭାପତି ଅଶ୍ରୁମୋଚନ ମହାନ୍ତି ପୁରସ୍କୃତ କରିଥିଲେ।

## କନ୍ଧମାଳ ହାଇସ୍କୁଲର ବାର୍ଷିକ କ୍ରୀଡ଼ା



**କନ୍ଧମାଳ/ ମନମୁଣ୍ଡା, ୧୧।୧(ସମିସ):** ବୌଦ୍ଧ ଜିଲ୍ଲା କନ୍ଧମାଳ ସଦର ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମନୋରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଶିବ ମନ୍ଦିରରୁ କ୍ରୀଡା ମଶାଲ ଅଣାଯାଇଥିଲା। କନ୍ଧମାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁମନ୍ତ ଖଟୁଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ପ୍ରଧାନଶିକ୍ଷକ ସଞ୍ଜୀବ କୁମାର ପ୍ରହରାଜ ଓ ବରିଷ୍ଠ ଶିକ୍ଷୟିତ୍ରୀ ହେମ ହେମବନ୍ତୀ ବାଘ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ସୁଦାମ ଚରଣ ମିଶ୍ର ଓ ସୌରଭ ସାହୁ ବିଭିନ୍ନ ପ୍ରତିଯୋଗିତା ପରିଚାଳନା କରିଥିଲେ। ଶିକ୍ଷକ ବନମାଳୀ ମେହେର ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଆଲୋକ ପରଡ଼ିଆ, ସତ୍ୟଜିତ ପଣ୍ଡା ସରୋଜ ସାହୁ, ଶିକ୍ଷୟିତ୍ରୀ ମୀରାବାଈ ଧାରୁଆ, ସୁଭଦ୍ରା ମାଝୀ, ଶିକ୍ଷକ ଦେବାଶ୍ରିତ ପ୍ରଧାନ, ବୀରଭଦ୍ର ମିଶ୍ର, ନବକୁମାର ସାହୁ, କର୍ମଚାରୀ ମନୋଜ ବନଛୋର, ନିଳୀମା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## କର୍ଲାପଡ଼ା ପଞ୍ଚାୟତ ସମିତି ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଭବାନୀପାଟଣା, ୧୧।୧(ସମିସ):** ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ କର୍ଲାପଡ଼ାର ବାର୍ଷିକ କ୍ରୀଡା ଓ ବାର୍ଷିକ ଉତ୍ସବ ତିନି ଦିନ ଧରି ମହା ସମାରୋହ ରେ ପାଳିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଡ଼.ତପନ ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ବିଧାୟକ ସାଗର ଚରଣ ଦାସ ଯୋଗ ଦେଇଥିବା ବେଳେ କର୍ଲାପଡ଼ା ସରପଞ୍ଚ ସୁଷମା ସେନାପତି ଓ ପୂର୍ବତନ ଅଧ୍ୟକ୍ଷ ବିନୋଦ ବିହାରୀ ପଟ୍ଟନାୟକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଭୂଗୋଳ ଅଧ୍ୟକ୍ଷ ସରୋଜ କୁମାର ମିଶ୍ର ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ଥିଲେ। ଅଞ୍ଚଳରେ ଛାତ୍ରଛାତ୍ରୀଙ୍କ ସୈନିକ ମୁଁ ବୋଲି ବିଧାୟକ ଶ୍ରୀ ଦାଶ ପରିପ୍ରକାଶ କରିଥିଲେ। ଆମର ଓ ଅଞ୍ଚଳର ସବୁ ଦାବି ଯଥା ସମ୍ଭବ ପୂରଣ କରିବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ଛାତ୍ରଛାତ୍ରୀଙ୍କ ଚରିତ୍ର ନିର୍ମାଣ କିପରି ହୋଇପାରିବ ଓ ଆଗକୁ ବଢ଼ି ଦେଶର କାର୍ଯ୍ୟରେ କିପରି ସହଭାଗିତା ହୋଇ ପାରିବେ ସେଥିପ୍ରତି ଛାତ୍ର ଛାତ୍ରୀମାନେ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ମଞ୍ଚ ପରିଚାଳନା ସଂସ୍କୃତ ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ର ଓ କ୍ରୀଡା ଶିକ୍ଷକ ବିଭୂତି ଯୋଶି ପୁରସ୍କାର ବିତରଣ ପରିଚାଳନା କରିଥିଲେ। ଓଡ଼ିଆ ଶିକ୍ଷକ ଅନନ୍ତ ଶବର ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ବୈଠକ



**ମନମୁଣ୍ଡା, ୧୧।୧(ସମିସ):** ବୌଦ୍ଧ ବ୍ଲକ ଶଗଡ଼ା ପଞ୍ଚାୟତ ଅଧୀନ ଖଣ୍ଡି କନପା ଠାରେ ଜିଲ୍ଲା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ବାର୍ଷିକ ବୈଠକରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଜୟଦେବ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ଜ୍ଞାନରଞ୍ଜନ୍ ମିଶ୍ର ବିବରଣୀ ପଠନ କରିଥିଲେ। ବୈଠକରେ ସଂଘର ଜିଲ୍ଲା ଉପସଭାପତି ପଙ୍କଜିନୀ ତାଣ୍ଡି, ଜିଲ୍ଲା ସହ ସମ୍ପାଦକ ଜଗଦୀଶ ମଲିକ, କୋଷାଧ୍ୟକ୍ଷ ସୁଦାମ ପ୍ରଧାନ, ବୌଦ୍ଧ ବ୍ଲକ ସଭାପତି ଦିବ୍ୟଲୋଚନ ବେହେରା, ହରଭଙ୍ଗା ବ୍ଲକ ସଭାପତି ବସନ୍ତ କର୍ଣ୍ଣ, କନ୍ଧମାଳ ବ୍ଲକ ସଭାପତି ପୁରନ୍ଦର ଠେଲାଙ୍କ ସମେତ ବୌଦ୍ଧ ଜିଲ୍ଲାର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଯୋଗ ଦେଇଥିଲେ।

### ସପ୍ତମ ଖଡ଼ଙ୍ଗ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

## ମଞ୍ଚ ମନୋରଞ୍ଜନ ନୁହେଁ; ଦିଏ ସାମାଜିକ ବାର୍ତ୍ତା

**ବୌଦ୍ଧ, ୧୧।୧(ସମିସ):** କନ୍ଧମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ବନ୍ଧଗୋରା ଖଡ଼ଙ୍ଗ ନଦୀ କୂଳରେ ଆୟୋଜିତ ସପ୍ତମ ଖଡ଼ଙ୍ଗ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଆଞ୍ଚଳିକ କଳାକାର ଏବଂ ପୁରୀ ଜିଲ୍ଲାର ମା' ନାକେଇଶୁଣୀ ଚଇତି ଘୋଡ଼ାନାଚ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ ବରଗଡ଼ ଜିଲ୍ଲା ଚିଚିଣ୍ଡାର କଳାକାରମାନଙ୍କ ଦ୍ୱାରା ରାବଣ ଦରବାର



କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦରବାରରେ ଫିରିଙ୍ଗିଆ ବ୍ଲକ ଉପାଧ୍ୟକ୍ଷ ଅଜିତ କୁମାର ସାହୁ ରାଜକୀୟ ମୁଖ୍ୟ ଅତିଥି, ଆଇନଜୀବୀ ମନୋଜ ଶର୍ମା ମୁଖ୍ୟବକ୍ତା ଭାବେ ଯୋଗଦେଇ ମଞ୍ଚ ମନୋରଞ୍ଜନ ଦେଖାଏ ନାହିଁ ବରଂ ସାମାଜିକ ବାର୍ତ୍ତା ଦିଏ ବୋଲି କହିଥିଲେ। ବାରଖମାର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଚନ୍ଦ୍ରମା କହଁର, ବ୍ୟବସାୟୀ ଜ୍ୟୋତିଶଙ୍କର ସାହୁ, ସମାଜସେବୀ ପ୍ରେମରାଜ ରଣା, ଗରୁଡ଼ ବିଭାର, ଅନୁକୂଳ ରଣା, ଶେଷଦେବ ରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ଥିଲେ। ସୁଶାନ୍ତ ବାରିକ ଅତିଥି ପରିଚୟ କରିଥିଲେ। ଖଡ଼ଙ୍ଗ ମହୋତ୍ସବ କମିଟି ସଭାପତି ମନୋଜ ଦାଶ ସଭା ପରିଚାଳନା କରିଥିଲେ। ସଦସ୍ୟ ବଂଶୀଧର ମାଝୀ ଧନ୍ୟବାଦ ଦେଇଥିଲେ। ଦରବାରରେ ଅତିଥି କଳାକାର ଭାବେ ଓଡିଆ ଟେଲି ଅଭିନେତ୍ରୀ ପାୟଲ ଯୋଗଦେଇ ସଂଳାପ ଏବଂ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ଜିଣିଥିଲେ। ପରେ ସୀତାଚୋରି ନାଟକ ମଞ୍ଚସ୍ଥ ହୋଇଥିଲା। ବରିଷ୍ଠ ମଞ୍ଚ କଳାକାର ସୁଶୀଲ କୁମାର ମେହେରଙ୍କ ରାବଣ ଭୂମିକାରେ ନିଖୁଣ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା।

## ବନ୍ଦେ ମାତରଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ବୌଦ୍ଧ, ୧୧।୧(ସମିସ):** ବନ୍ଦେ ମାତରଂର ୧୫୦ତମ ଜୟନ୍ତୀ ଅବସରରେ ବୌଦ୍ଧଗଡ଼ ପୌର ପରିଷଦର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ନେଇ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ ଶିବିରରେ ପ୍ରଶିକ୍ଷକ ତଥା ବରିଷ୍ଠ ସାଧନକର୍ମୀ ଭାବେ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଉତ୍ତମ କୁମାର ବେହେରା, ସହକାରୀ ଶିକ୍ଷକ, ପ୍ରକାଶ ମେହେର, ପ୍ରଧାନଶିକ୍ଷକ ଅଭିନବ ପଟ୍ଟନାୟକ ଯୋଗଦେଇ ଥିଲେ। ମର୍ଯ୍ୟାକୁଦ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସନ୍ତୋଷ କୁମାର କର୍ଣ୍ଣ ଧନ୍ୟବାଦ ଜ୍ଞାପନ କରିଥିଲେ। ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରିତାକାନ୍ତି ବଳିୟାର ସିଂହ ସମସ୍ତଙ୍କୁ ସ୍ୱାଗତ କରିଥିଲେ।

## ମା' ଭୈରବୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ବଙ୍କାପଡ଼ା ଚାମ୍ପିଅନ



**ଜହ୍ନାପଙ୍କ, ୧୧।୧(ସମିସ):** ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଗୁଡ଼ୀଆଲି ଠାରେ ମା'ଭୈରବୀ କ୍ରିକେଟ କ୍ଲବ୍ ପକ୍ଷରୁ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ ବଙ୍କାପଡ଼ା ଓ ଜଗତି ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଙ୍କାପଡ଼ା ଦଳ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲେ। ପୂର୍ବତନ ବୌଦ୍ଧ ବ୍ଲକ ଉପାଧ୍ୟକ୍ଷ ମନୋରଞ୍ଜନ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବିକ୍ରମ ନାଏକ, ଶମ୍ଭୁଗିରି, ଶେଷଦେବ ନାଏକ, ଦୁଷ୍ଟ ମଲ୍ଲିକ ଯୋଗଦେଇ ଚାମ୍ପିଅନ ବଙ୍କାପଡ଼ା ଦଳକୁ ଟ୍ରଫି ସହ ୪୫୦୦ ଟଙ୍କା ଦେଇ ପୁରସ୍କୃତ କରିଥିଲେ। ଉପବିଜେତା ଦଳକୁ ଟ୍ରଫି ସହ ୩୫୦୦ ଟଙ୍କା ଦେଇ ପୁରସ୍କୃତ କରିଥିଲେ। ସୁଜିତ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କମଳ ନାଏକ ମଞ୍ଚ ପରିଚାଳନା କରିଥିଲେ। ହରିହର ପଣ୍ଡା ଓ ସତ୍ୟ ନାଏକ ଖେଳ ପରିଚାଳନା କରିଥିଲେ। ପରକ୍ଷିତ ପ୍ରଧାନ, ଆଦିତ୍ୟ ସାହୁ, ଚନ୍ଦନ ସାହୁ, ଲିପୁନ, ଜଗନ ପ୍ରଧାନ, ରିତୁ ମହାକୁଡ ସହଯୋଗ କରିଥିଲେ।

### ଶ୍ରୀରାମଜୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ମୁଣ୍ଡପଲା ଅଜୁ ଇଲେଭେନ୍ ଚାମ୍ପିଅନ

**ଦେଓଗାଁ, ୧୧।୧(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ କୁଲୁତାପଡ଼ା ପଞ୍ଚାୟତ ଅଧୀନ ମୁଣ୍ଡପଲା ମାହେଶ୍ୱରୀ ଷ୍ଟାଡିୟମରେ ସ୍ଥାନୀୟ ଲିଟିଲଷ୍ଟାର କ୍ରିକେଟକ୍ଲବ ଆନୁକୂଲ୍ୟରେ



ଶ୍ରୀରାମଜୀ କ୍ରିକେଟ ଟୁର୍ଣ୍ଣାମେଣ୍ଟଶ୍ମୁଣ୍ଡପଲା କପ୍ ରବିବାର ଉଦ୍‌ଯାପିତ ହୋଇଛି। ମୁଣ୍ଡପଲା ଅଜୁ ଇଲେଭେନ ଓ ବୌଦ୍ଧ ଜିଲ୍ଲା ଦେଉଳିର ନିବେଶ ଇଲେଭେନ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଜୁ ଇଲେଭେନ ଦଳ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲେ। ମେନ୍ ଅଫ୍ ଦି ସିରିଜଭାବେ ଅଜୁ ଇଲେଭେନ ଦଳର ଦେବେନ ତରିଆ ଓ ମ୍ୟାନ୍ ଅଫ୍ ଦି ମ୍ୟାଚଭାବେ ରାଜେଶ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଖେଳକୁ ଶମ୍ଭୁ ରଣା ଓ କୈଳାସ ରଣା ପରିଚାଳନା କରିଥିବାବେଳେ ସୁଦାମ ପଧାନ ଧାରାବିବରଣୀ ପ୍ରଦାନ କରିଥିଲେ। ସିଲୁ କଲତା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ସେନାପତି ରଣାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ମହିଧର ରଣା, ସମ୍ମାନିତ ଅତିଥିଭାବେ ପୂର୍ବତନ ବିଡିସିସି ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର ପ୍ରମୁଖ ଯୋଗଦେଇ ଚାମ୍ପିଅନ ଦଳକୁ ୪୦ହଜାର ଓ ଟ୍ରଫି ଓ ରନ୍‌ରଅପ୍ ଦଳକୁ ୨୫ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି।

### ବଡ଼ କଳଙ୍ଗାପାଲି ଗାଁ ରାସ୍ତା କାମ ନିମ୍ନମାନର

# ଉପରେ ଉପରେ ପିଚୁ ଢାଳିଦେଲେ ଠିକାଦାର

**ପାଟଣାଗଡ଼, ୧୧।୧(ସମିସ)**

ପାଟଣାଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଅଞ୍ଚଳରେ ଚାଲିଥିବା ପିଚୁ ରାସ୍ତା କାମ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଞ୍ଚଳବାସୀ ଥିବା ଅଭିଯୋଗ ଆଣିଛନ୍ତି। ଏହାଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ବଢ଼ିବାରେ ଲାଗିଛି। କାମ ସରିବାର କିଛି ଦିନ ପରେ ପିଚୁ ଉଠି ଯାଉଛି। ଗ୍ରାମ୍ୟ ଉନ୍ନୟନ ବିଭାଗ କିଭଳି ତଦାରଖ କରୁଛି ଓ ବିଲ୍ ପାସ୍ କରୁଛି ଏହାର ତଦନ୍ତ ପାଇଁ ମଧ୍ୟ ଅଞ୍ଚଳବାସୀ ଦାବି ଉଠାଇଛନ୍ତି।

ପାଟଣାଗଡ଼ ବ୍ଲକ ଅଞ୍ଚଳର ବିଭିନ୍ନ ରାସ୍ତାରେ ଏବେ ପିଚୁ କାମ ଚାଲିଛି। ତମିଆଁକୁ ଯାଇଥିବା ମୁଖ୍ୟ ରାସ୍ତା ଛକଠାରୁ ବଡ଼ କଳଙ୍ଗାପାଲି ଗାଁକୁ ଯାଇଥିବା ରାସ୍ତାରେ କିଛି ଦିନ ଆଗରୁ ହୋଇଥିବା ପିଚୁ କାମ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଗାଁ ଲୋକେ ଅଭିଯୋଗ ଆଣିଛନ୍ତି। ଏବେ ପିଚୁ ଉଠି ଯାଉଛି। କାମ ସରିଲା ପରେ ପୁଣି ପିଚୁ ଉଠିଥିବା ସ୍ଥାନରେ ୩ ଦିନ ତଳେ ମରାମତି କରାଯାଇଛି। ତାହା ପୁଣି ଉଠି ଯାଇଛି। ଏହି କାମ ତଦାରଖ ପାଇଁ ବିଭାଗୀୟ କର୍ମଚାରୀଙ୍କୁ ଲୋକେ ଦେଖି ନ ଥିବା କହିଛନ୍ତି। ଏହି ନିମ୍ନମାନର କାମର ତଦନ୍ତ ସହ ନିମ୍ନମାନର ରାସ୍ତା କାମରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଭୂମିକାକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ଠିକାଦାରଠାରୁ ମୋଟା ଅଙ୍କର ପିସି କାରବାର କରାଯାଇ ନିମ୍ନମାନର ରାସ୍ତା



ପୁଣି ନୂତନ କାମ କରିବା ପାଇଁ ଗାଁ ଲୋକେ ଦାବି କରିଛନ୍ତି। ଠିକ୍ ଏହିଭଳି ତମିଆଁ ଛକରୁ ତମିଆଁ ରାସ୍ତା, ସୁନାମୁଦି ଛକରୁ ସୁନାମୁଦି ଗାଁ ରାସ୍ତା, ଭରତବାହାଲଠାରୁ ଠେଲକୋଛାପର ରାସ୍ତାରେ ହୋଇଥିବା ପିଚୁ କାମ ନିମ୍ନମାନର ହୋଇଥିବା ଅଭିଯୋଗ ଉଠିଛି। ଏହି କାମକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ସହଯୋଗ କରୁଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ରାସ୍ତା କାମ ସମୟରେ କନିଷ୍ଠ ଯନ୍ତ୍ରୀ ତଦାରଖ ପାଇଁ ଯାଉନାହାନ୍ତି। ଏଥିସହ କୌଣସି କାମକୁ ନେଇ ଲୋକଙ୍କ ଅଭିଯୋଗ ପରେ ମଧ୍ୟ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉନି।

### ଗାଁ ଲୋକଙ୍କ ପ୍ରତିକ୍ରିୟା...

ମୁଖ୍ୟ ରାସ୍ତାରୁ ଆମ ଗାଁକୁ ଆସିଥିବା ପିଚୁ ରାସ୍ତା କାମ ଅତ୍ୟନ୍ତ ନିମ୍ନମାନର ହୋଇଛି। ଦୁଇ ଦିନରେ ଏହି କାମକୁ ତରବରିଆ ଭାବେ ସାରି ଦିଆଯାଇଛି। ପିସି କାରବାର କରି ଠିକାଦାର ନିମ୍ନମାନର କାମ କରୁଛନ୍ତି। ପୁଣି ନୂତନ କାମ କରାଯାଉ। ନଚେତ ଆମେ ଆନ୍ଦୋଳନ କରିବାକୁ ବାଧ୍ୟ ହେବୁ।

**ଭୋଜରାମ ସାହୁ**

ଆମ ଗାଁ ରାସ୍ତା ପିଚୁ କାମ ନିମ୍ନମାନର କାମ ହୋଇଛି। ପିଚୁ ଉଠି ଯାଉଛି। କେଉଁ ଠିକାଦାର କରିଛି, କେତେ ଟଙ୍କାର କାମ ହୋଇଛି ଆମେ ଜାଣିନାହୁଁ। କାମ ସମୟରେ କହିଥିଲୁ; କିନ୍ତୁ କେହି ଶୁଣିଲେ ନାହିଁ। କାମ ସରିଲା ପରେ ପିଚୁ ଉଠି ଯାଉଛି। ପୁଣି ମରାମତି କରାଯାଇଛି; ହେଲେ ତାହା ପୁଣି ଫାଟି ଯାଉଛି। ଏହି ନିମ୍ନମାନର କାମ ବୋଲି ସ୍ପଷ୍ଟ ହୋଇଛି। ଏହାର ତଦନ୍ତ କରାଯାଇ ବିଲ୍ ବନ୍ଦ କରାଯାଉ। ନୂଆ ଭାବେ ପୁଣି କାମ କରାଯାଉ।

**ପାଣ୍ଡବ ସାହୁ**

